**Dharitri, Bhubaneshwar, Sep 7 2008**

# ଟିସିଏସ୍ ଆଇଟି କ୍ୱିଜ୍ ଅନୁଷ୍ଠିତ

ଭୁବନେଶ୍ୱର,୬-୯-ଟାଟା କନସଲଟାନ୍ସି ସର୍ଭିସେସ (ଟିସିଏସ) ପକ୍ଷରୁ ଇଣ୍ଟର ସ୍କୁଲ ଆଇଟି କ୍ୱିଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଏଥିରେ ପ୍ରାୟ 150 ସ୍କୁଲର 1000 ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ । ପୋଖରୀପୁଟ ଡିଏଭି ପବ୍ଲିକ ସ୍କୁଲର ଛାତ୍ର ଅରୋଜ୍ୟୋତି ଦାସ ଏବଂ ଅମ୍ବରିଶ

## ପୋଖରୀପୁଟ ଡିଏଭିର ଅରୋଜ୍ୟୋତି ଓ ଅମ୍ବରିଶ ବିଜେତା ଘୋଷିତ

ଷଡଙ୍ଗୀ ବିଜେତା ଘୋଷିତ ହୋଇଥିଲେ । ବିଜେତାଙ୍କୁ ଟ୍ରଫି ଏବଂ ଲାପଟପ ପ୍ରଦାନ କରାଯାଇଥିଲା । ସେହିଭଳି ଲୋୟୋଲା ସ୍କୁଲର ଆକାଶ ମିଶ୍ର ଏବଂ ଅଭୟ ନାୟକଙ୍କୁ ରନର୍ସ ଅପ ଘୋଷଣା କରାଯାଇଥିଲା । ପୁରସ୍କାର ସ୍ୱରୂପ ଏମାନଙ୍କୁ ଟ୍ରଫି, ଡିଭିଡି ପ୍ଲେୟର ଏବଂ ଡିଜିଟାଲ କ୍ୟାମେରା



ଟିସିଏସ୍ ଆଇଟି କ୍ୱିଜ୍‌ର ବିଜେତାଙ୍କୁ ପୁରସ୍କୃତ କରାଯାଉଛି ।

ଦିଆଯାଇଥିଲା । ଏଥିରେ ମୁଖ୍ୟ ଅତିଥିଭାବେ ଓଡିଶା କମ୍ପ୍ୟୁଟର ଆପ୍ଲିକେଶନ ସେଣ୍ଟରର ସିଇଓ ବିଶାଲ କେ. ଦେବ୍ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଟିସିଏସ ବ୍ରାଞ୍ଚ ମୁଖ୍ୟ ମନୋଜ ପଣ୍ଡା ଉପସ୍ଥିତ ଥିଲେ । ଲିଖିତ ପରୀକ୍ଷା ମାଧ୍ୟମରେ ମୋଟ ୬ଟି ଟିମ ଆଞ୍ଚଳିକ ଫାଇନାଲ ପର୍ଯ୍ୟାୟକୁ ଉତ୍ତୀର୍ଣ୍ଣ ହୋଇଥିଲେ । ସୂଚନାଯୋଗ୍ୟ, ଦେଶବ୍ୟାପୀ ପ୍ରମୁଖ ସହରମାନଙ୍କରେ କମ୍ପାନୀ ପକ୍ଷରୁ ଏହି କ୍ୱିଜ ଆରମ୍ଭ ହୋଇଛି ।